# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୯.୦୪.୨୦୨୫ ରିଖ

ସମୟ-ଅପରାହ୍ନ ଘ.୦୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ରାଜକିଶୋର ଦାସ, ଚେୟାରମ୍ୟାନ୍,
୨. ଶ୍ରୀ ଚନ୍ଦ୍ରଶେଖର ମଲିଆ,
୩, ଅସିୟା ବେଗମ୍

ଅଦ୍ୟ ତା ୧୯.୦୪.୨୦୨୫ ରିଖ ଅପରାହ୍ନ ଘ.୦୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ରାଜକିଶୋର ଦାସ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଜଣେ ଲେଖାଏଁ ୱାର୍ଡ଼ ଅଫିସର ଦୁଇ/ତିନି ଗୋଟି ୱାର୍ଡ଼ର ଦାୟିତ୍ୱରେ ଅଛନ୍ତି, ତେଣୁ ରାଜସ୍ୱ ସଠିକ୍ ଭାବରେ ଆଦାୟ ହୋଇପାରୁନାହିଁ, ତେଣୁ ୱାର୍ଡ଼ ଅଫିସର ନିଯୁକ୍ତି ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବା ସହିତ ରାଜ୍ୟ ସରକାର ନିଯୁକ୍ତି ଦେବା ପର୍ଯ୍ୟନ୍ତ ଆଉଟ୍ସୋର୍ସିଂ ମାଧମରେ ୱାର୍ଡ଼ ଅଫିସର ନିଯୁକ୍ତି କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). TPCODL ନିଗମର ରାସ୍ତା ମନଇଚ୍ଛା ଖୋଳୁଅଛି ସେଥିପାଇଁ TPCODL ନିଗମରେ କେତେ ଅର୍ଥ ଦାଖଲ କରିଛନ୍ତି ତାହାର ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ମାର୍କେଟ୍ ବିଲ୍ଡ଼ିଙ୍ଗ୍ ଦୋକାନ ଗୃହ ମରାମତି ସମୟରେ ସେଠାରୁ ବାହାରୁଥିବା Debridge ବାହାରେ ଜମା କରୁଛନ୍ତି ସେମାନଙ୍କ ଠାରୁ ଫାଇନ୍ ଆଦାୟ କରିବା ସହିତ ତାଗିଦ୍ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୬.୧୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ରାଜକିଶୋର ଦାସ
ସଭାପତି
ତା ୧୯.୦୪.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ପ୍ଲାନିଂ ଆଣ୍ଡ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୭.୦୪.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୧.୩୦ ମିନିଟ୍
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ଶ୍ରୀଧର ଜେନା, ଚେୟାରମ୍ୟାନ୍,
୨. ନମିତା ମହାପାତ୍ର,
୩. ଶ୍ରୀମତୀ ଚାରୁଲତା ସାମନ୍ତରାୟ,
୪. ଶ୍ରୀ ବିପ୍ଲବ ବେହେରା

ଅଦ୍ୟ ତା ୧୭.୦୪.୨୦୨୫ ରିଖ ପୂର୍ବାହ୍ନ ଘ.୧୧.୩୦ ମିନିଟ୍ ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପ୍ଲାନିଂ ଆଣ୍ଡ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ବହୁତଳ ପ୍ରାସାଦ ପାଇଁ ବିଲ୍ଡର୍ ମାନେ ଆପତିବିହୀନ ପ୍ରମାଣପତ୍ର ପାଇଁ ଆବେଦନ କରିବା ସମୟରେ ଦାଖଲ କରୁଥିବା EIDP ପ୍ଲାନ୍ ଭବିଷ୍ୟତରେ ଆବଶ୍ୟକତା ଏବଂ ଲୋକସଂଖ୍ୟାକୁ ଦୃଷ୍ଟିରେ ରଖି EIDP ପ୍ରସ୍ତୁତ କରିବା ଏବଂ ତାହା ମାନନୀୟା ମେୟରଙ୍କ ଅନୁମୋଦନ କ୍ରମେ EIDP କମିଟିରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧.୦୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ଶ୍ରୀଧର ଜେନା
ସଭାପତି
ତା ୧୭.୦୪.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୬.୦୪.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୦.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ମିହିର କୁମାର ରାଉତ, ଚେୟାର୍‌ମ୍ୟାନ୍
୨. ମୋନାଲିସା ବେହେରା,
୩. ଶ୍ରୀ ରାମଚନ୍ଦ୍ର ରଣସିଂହ

ଅଦ୍ୟ ତା ୧୬.୦୪.୨୦୨୫ ରିଖ ପୂର୍ବାହ୍ନ ଘ.୧୦.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ମିହିର କୁମାର ରାଉତ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ପଟିଆ ସ୍ଥିତ ସାଇ ମନ୍ଦିର ରାସ୍ତାର ବାମ ପାର୍ଶ୍ୱରେ ଲାଗିଥିବା ଗଛ ଗୁଡ଼ିକରେ ପାଣି ଦେବାପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଗ୍ରୀଷ୍ମଋତୁ ଆସିଲାଣି, ଚଳିତ ବର୍ଷ ଲଗାଯାଇଥିବା ଗଛରେ ଏବଂ ମିଡ଼ିଆନ୍‌ରେ ପାଣି ଦେବାପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୧୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ମିହିର କୁମାର ରାଉତ
ସଭାପତି
ତା ୧୬.୦୪.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୬.୦୪.୨୦୨୫ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ପ୍ରେମାନନ୍ଦ ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପୁଷ୍ପା ରାଉତ,
୩. ଶ୍ରୀମତୀ ଝରଣାରାଣୀ ପତି,
୪. ଶ୍ରୀମତୀ ମଧୁସ୍ମିତା ପ୍ରଧାନ

ଅଦ୍ୟ ତା ୧୬.୦୪.୨୦୨୫ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ପ୍ରେମାନନ୍ଦ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ୱାର୍ଡ଼ ନଂ-୪୬ ସ୍ଥିତ କାଳି ମନ୍ଦିର ମାର୍କେଟ୍ କମ୍ପ୍ଲେକ୍ସ ଖରାପ ହୋଇଗଲାଣି, ଏହାକୁ ପୁନଃଉଦ୍ଧାର କରିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳ ନିଳାଦ୍ରିବିହାର ଭେଣ୍ଡିଂଜୋନ୍ ଆଲର୍ଟମେଂଟ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଜନପଥରେ ବିଜ୍ଞାପନଫଳକ ଲଗାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ ଅନୁମତି ଦେବାପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ୱାର୍ଡ଼ ନଂ-୨୦ ସ୍ଥିତ ହାତିଆଣୁଣୀ ଠାରେ ବ୍ୟବସାୟୀ ମାନଙ୍କୁ ସୁବ୍ୟସ୍ଥିତ ଭାବେ ବସାଇବା ପାଇଁ ଭେଣ୍ଡିଂଜୋନ୍ ନିର୍ମାଣ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୪.୫୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ପ୍ରେମାନନ୍ଦ ଜେନା
ସଭାପତି
ତା ୧୬.୦୪.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୭.୦୪.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୦.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ କୁମାରେନ୍ଦ୍ର ମହାପାତ୍ର, ଚେୟାରମ୍ୟାନ୍,
୨. ଶ୍ରୀମତୀ ଧରିତ୍ରୀ ଜେନା,
୩. ଶ୍ରୀମତୀ ବନ୍ଦିତା ପାଲ୍,
୪. ଶ୍ରୀମତୀ ଲକ୍ଷ୍ମୀପ୍ରିୟା ପରିଡ଼ା

ଅଦ୍ୟ ତା ୧୭.୦୪.୨୦୨୫ ରିଖ ପୂର୍ବାହ୍ନ ଘ.୧୦.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ କୁମାରେନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମର ଆୟବ୍ୟୟ ଦୀର୍ଘ ତିନି ବର୍ଷ ହେବ ଲୋକାଲ୍ ଫଣ୍ଡ୍ ଅଡ଼ିଟ ହୋଇନାହିଁ, ତେଣୁ Audit Party ପଠାଇବା ପାଇଁ District Local Fund Audity ଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ OM No.-11721/F ତା ୧୧.୦୪.୨୦୨୫ ରିଖରେ କର୍ମଚାରୀଙ୍କ ପାଇଁ ୨ % ଡ଼ି.ଏ ବୃଦ୍ଧି କରିଛନ୍ତି ଏବଂ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଟି.ଆଇ ୨% ଓ OM No.-11728/F ତା ୧୧.୦୪.୨୦୨୫ ରିଖରେ ବୃଦ୍ଧି କରି ତା ୦୧.୦୧.୨୦୨୫ ରିଖ ଠାରୁ ଲାଗୁ କରିଛନ୍ତି, ତେଣୁ ଭୁବନେଶ୍ୱର ମହାନଗର ନିଗମର କର୍ମଚାରୀ ମାନଙ୍କୁ ଡ଼ି.ଏ ଓ ଟି.ଆଇ ତା ୦୧.୦୧.୨୦୨୫ ରିଖରୁ ୨% ବଢାଇବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମରେ କାର୍ଯ୍ୟ କରୁଥିବା Temporary Status କର୍ମଚାରୀ ମାନଙ୍କୁ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ରିଜୋଲ୍ୟୁସନ୍ ନଂ-୮୩୫୯ ତା ୧୨.୦୩.୨୦୨୫ ରିଖ ଅନୁଯାୟୀ Monthly Consolidated Remuneration ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଡ୍ରେନେଜ୍ ଡ଼ିଭିଜନ୍‌ରେ ଜଣେ କନିଷ୍ଠ ସହାୟକ ଥିବାରୁ ଆଉ ଜଣେ କନିଷ୍ଠ ସହାୟକ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ପୂର୍ବାହ୍ନ ଘ. ୧୧.୧୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- କୁମାରେନ୍ଦ୍ର ମହାପାତ୍ର
ସଭାପତି
ତା ୧୭.୦୪.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଗ୍ରୀଭାନ୍‌ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୬.୦୪.୨୦୨୫ ରିଖ

ସମୟ-ଅପରାହ୍ନ ଘ.୫.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀମତୀ ବିନୟିନୀ ଜେନା, ଚେୟାର୍‌ପରସନ୍,
୨. ଶ୍ରୀ ନୃପେଶ କୁମାର ନାୟକ,
୩. ଶ୍ରୀମତୀ ପ୍ରଭାସିନି ମହାନ୍ତି,
୪. ଶ୍ରୀମତୀ ଗିତାଞ୍ଜଳୀ ସାହୁ

ଅଦ୍ୟ ତା ୧୬.୦୪.୨୦୨୫ ରିଖ ଅପରାହ୍ନ ଘ.୫.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଗ୍ରୀଭାନ୍‌ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ବିନୟିନୀ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ କେତେକ ବ୍ୟକ୍ତି ରାସ୍ତା ପାର୍ଶ୍ୱରେ ବାଲି ଗୋଡ଼ି ଜମା କରୁଛନ୍ତି ଫଳରେ ଜନସାଧାରଣ ଯାତାୟତରେ ଅସୁବିଧା ହେଉଅଛି ସେଗୁଡ଼ିକୁ ଉଠାଇ ଆଣିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ୱାର୍ଡ଼ ନଂ-୧୧ ଗଡ଼େଶ୍ୱର ହାଟ ପଛ ପାଖରେ ଥିବା ଖୋଲା ଡ୍ରେନ୍ ଉପରେ କଭର ସ୍ଲାବ୍ ନପକାଇବାରୁ ଲୋକମାନେ ଅଭିଯୋଗ କରୁଛନ୍ତି, ତେଣୁ ସେଠାରେ କଭର ସ୍ଲାବ୍ ପକାଇବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ୱାର୍ଡ଼ ନଂ-୧୧ ରେ ଥିବା ମଶାଣିର ଉନ୍ନତିକରଣ କରାଯାଇନଥିବାରୁ ଲୋକମାନେ ଅଭିଯୋଗ କରୁଛନ୍ତି, ତେଣୁ ଉକ୍ତ ମଶାଣିର ଉନ୍ନତିକରଣ କାର୍ଯ୍ୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବୁଲା କୁକୁର ସଂଖ୍ୟା ବୃଦ୍ଧି ହୋଇଗଲାଣି, ସେମାନଙ୍କ ଯୋଗୁଁ ଦୁର୍ଘଟଣା ହେଉଅଛି ଏବଂ ସେମାନେ ମଧ ଲୋକମାନଙ୍କୁ କାମୁଡୁଛନ୍ତି, ତେଣୁ କୁକୁର ବନ୍ଧ୍ୟାକରଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. ୬.୩୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିନୟିନୀ ଜେନା
ସଭାପତି
ତା ୧୬.୦୪.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ହେଲ୍ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ
## <u>କମିଟି ବୈଠକ ବିବରଣୀ</u>

ତା ୧୯.୦୪.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୦.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ବିରଂଚି ନାରାୟଣ ମହାସୁପକାର, ଚେୟାରମ୍ୟାନ୍,
୨. ଶ୍ରୀମତୀ ରଞ୍ଜୁଲତା ରାୟ,
୩. ଶ୍ରୀମତୀ ମୋନାଲିସା ସାହୁ,
୪. ଶ୍ରୀମତୀ ଛବି ଦାଶ,
୫. ଶ୍ରୀମତୀ ମିନୁଶ୍ରୀ ଖୁଂଟିଆ,
୬. ଶ୍ରୀ ଭରତ କୁମାର ଲେଙ୍କା,
୭. ଶ୍ରୀ ଶୁଭାଂଶୁ ଶେଖର ପଟ୍ଟନାୟକ

ଅଦ୍ୟ ତା ୧୯.୦୪.୨୦୨୫ ରିଖ ପୂର୍ବାହ୍ନ ଘ.୧୦.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ହେଲ୍ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ବିରଂଚି ନାରାୟଣ ମହାସୁପକାର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରୁ ଘରକୁ ଘର ପୃଥକ୍ ବର୍ଜ୍ୟବସ୍ତୁ ସଂଗ୍ରହ କରିବା ପାଇଁ ଆହ୍ୱାନ କରାଯାଇଥିବା ଟେଣ୍ଡର ଶୀଘ୍ର ଫଇସଲା କରି କର୍ପୋରେସନଙ୍କ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ସଫେଇ କାର୍ଯ୍ୟରେ ନିୟୋଜିତ ହୋଇଥିବା LCV ଗୁଡ଼ିକ ମରାମତି ପାଇଁ ପ୍ରାଇଭେଟ୍ ଗ୍ୟାରେଜ୍‌ରେ ବହୁଦିନ ପଡ଼ିରହୁଥିବାରୁ ଅଳିଆ ସଂଗ୍ରହ କାର୍ଯ୍ୟ ସଠିକ୍ ଭାବରେ ହୋଇପାରୁନାହିଁ, ତେଣୁ ଗାଡ଼ି ଗୁଡ଼ିକର ମରାମତି ପାଇଁ ଟି.ଟି.ଏସ୍ ଠାରେ ଏକ ଗ୍ୟାରେଜ୍ କରିବା ଏବଂ ଆବଶ୍ୟକ ଯନ୍ତ୍ରପାତି କ୍ରୟ କରିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ ନିର୍ମାଣ ହୋଇଥିବା "ଲୁ" ଗୁଡ଼ିକୁ ବିଦ୍ୟୁତ୍ ଓ ପାଣି ସଂଯୋଗ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମାଂଚଳରେ ନୂତନ ଇଲେକ୍ଟ୍ରି ଖୁଂଟରେ ଲାଗିଥିବା ବିଦ୍ୟୁତ୍ ବଲ୍ ଗୁଡ଼ିକ ଭଲ ଜଳୁନଥିବାର କମିଟିଙ୍କ ଦୃଷ୍ଟିକୁ ଆସିଅଛି, ସେଗୁଡ଼ିକୁ ଯାଂଚ୍ କରିବା ଏବଂ ଖରାପ ଥିବା ଜଣାପଡ଼ିଲେ ତାଙ୍କ ଟେଣ୍ଡର ରଦ୍ଦ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). "Construction Of RCC drain from Revenue Plot No.-1705 to Trinity Hospital of Bhoi Nagar on Main Drain No.-4" ପାଇଁ ଆହ୍ୱାନ କରାଯାଇଥିବା ଟେଣ୍ଡରରେ L-1 ବିଡ଼ର୍ ଅନିଚ୍ଛା ପ୍ରକାଶ କରିଥିବାରୁ ବର୍ଷାଋତୁ ପୂର୍ବରୁ ଉକ୍ତ କାର୍ଯ୍ୟ କରାଯିବା ଆବଶ୍ୟକତା ଥିବାରୁ, OPWD Code ଅନୁଯାୟୀ 2nd Bidder (L-2) ଙ୍କ ମାଧ୍ୟମରେ ପ୍ରଥମ ବିଡ଼ର୍ (L-1) ଙ୍କ ଦରରେ ଉକ୍ତ କାର୍ଯ୍ୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ପୂର୍ବାହ୍ନ ୧୧.୨୨ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିରଂଚି ନାରାୟଣ ମହାସୁପକାର
ସଭାପତି
ତା ୧୯.୦୪.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ୱ୍ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୯.୦୪.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୧.୩୦ ମିନିଟ୍
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ଶ୍ରୀଧର ବେହେରା, ଚେୟାରମ୍ୟାନ୍
୨. ଶ୍ରୀ ଅମରେଶ ଜେନା,
୩. ଶ୍ରୀମତୀ ପଦ୍ମଜା ପ୍ରିୟଦର୍ଶିନୀ ଜେନା,
୪. ଶ୍ରୀମତୀ ସମିତା ମହାନ୍ତି,
୫. ଶ୍ରୀମତୀ ଜୟନ୍ତି ସାହୁ,
୬. ଶ୍ରୀ ସନ୍ତୋଷ କୁମାର ସିଂହ,
୭. ସେକ୍ ନୁରହାସନ୍

ଅଦ୍ୟ ତା ୧୯.୦୪.୨୦୨୫ ରିଖ ପୂର୍ବାହ୍ନ ଘ.୧୧.୩୦ ମିନିଟ୍ ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ୱ୍ୱାର୍କସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ବେହେରା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଗତ ତା ୨୦.୦୩.୨୦୨୫ ରିଖରେ ନିର୍ଦ୍ଧାରଣ ସଂଖ୍ୟା-୧(୨). ୧(୩) ଓ ୧(୪) ରେ ଅନୁମୋଦନ ହୋଇଥିବା ତିନି ଗୋଟି କାର୍ଯ୍ୟ ରିପେୟାର ବଜେଟରୁ ସମ୍ପାଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଆଜିର ବୈଠକରେ ସତ୍ୟନଗର ମଶାଣି, ବଡ଼ଗଡ଼ ହାଟ, ନାଗେଶ୍ୱର ହାଟ, ୟୁନିଟ୍-୪ ହାଟର ଡ଼ିଜାଇନ୍ ପ୍ରେଜେଂଟେସନ୍ କରାଗଲା ସେହିଭଳି କାର୍ଯ୍ୟ ସମ୍ପାଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଅଟକଳ ମୂଲ୍ୟ ଠାରୁ ୧୪.୯୯ % କମ୍‌ରେ ନେଇଥିବା ଠିକାଦାରମାନେ ଠିକ୍ ଭାବରେ କାର୍ଯ୍ୟ କରୁନାହାଁନ୍ତି । ସେହି କାର୍ଯ୍ୟ ଗୁଡ଼ିକ ବିଲ୍ ପଇଠ ହେବା ପୂର୍ବରୁ ୱ୍ୱାର୍କସ କମିଟିରେ ଉପସ୍ଥାପନ କରାଯିବ ଏବଂ ମାନନୀୟା ମେୟରଙ୍କ ଅଧକ୍ଷତାରେ ଏକ କମିଟି ଯାଂଚ୍ କଲାପରେ ବିଲ୍ ପଇଠ କରିବା ପାଇଁ ଏବଂ ଏ ସମ୍ପର୍କରେ ନଗର ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ମାନଙ୍କୁ ଚିଠି ମାଧମରେ ଜଣାଇବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ୱ୍ୱାର୍ଡ଼ ନଂ-୪୭ ରେ ହେଉଥିବା ୱ୍ୱାର୍ଡ଼ ଅଫିସ୍ ସ୍ଥାନରେ କାର୍ଯ୍ୟ ଆରମ୍ଭ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୫୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ଶ୍ରୀଧର ବେହେରା
ସଭାପତି
ତା ୧୯.୦୪.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ସ୍ଲମ୍ ସେଟଲମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୭.୦୪.୨୦୨୫ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀମତୀ ମହାମାୟା ସ୍ୱାଇଁ, ଚେୟାରପରସନ୍,
୨. ସକିବା ମୁଶରତ୍,
୩. ଶ୍ରୀ ଆଶିଷ କୁମାର ପଟ୍ଟନାୟକ

ଅଦ୍ୟ ତା ୧୭.୦୪.୨୦୨୫ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ସ୍ଲମ୍ ସେଟଲମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ମହାମାୟା ସ୍ୱାଇଁ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବସ୍ତିବାସିନ୍ଦା ମାନଙ୍କ ପାଇଁ ଥିବା ଭୂମି ପ୍ରମାଣ ପତ୍ର (ଏଲ୍.ଆର୍.ସି) ଗୁଡ଼ିକ ଥାନ, ବିଦ୍ୟୁତ୍ ଓ ଜଳଯୋଗାଣ ବିଭାଗ ଗ୍ରହଣ କରୁନାହାଁନ୍ତି ଫଳରେ ବସ୍ତିବାସିନ୍ଦାମାନେ ସେବା ପାଇବା ପାଇଁ ବଂଚିତ ହେଉଛନ୍ତି, ତେଣୁ ବସ୍ତିବାସିନ୍ଦାମାନେ ଯେପରି ଏହି ସୁବିଧା ପାଇପାରିବେ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଗତ ତା ୨୦.୦୩.୨୦୨୫ ରିଖ କମିଟିଙ୍କ ନିର୍ଦ୍ଧାରଣ ସଂଖ୍ୟା-୧(୩) ଅନୁଯାୟୀ ବସ୍ତିବାସିନ୍ଦାମାନେ ଏଲ୍.ଆର୍.ସି ପାଇବା ପାଇଁ ଦେଇଥିବା ଅର୍ଥ ଫେରସ୍ତ ନିମନ୍ତେ ଉତର ଜୋନ୍ ଏବଂ ଦକ୍ଷିଣ-ପଶ୍ଚିମ ଜୋନ୍ ତାଲିକା ପ୍ରଦାନ କରିଛନ୍ତି, କିନ୍ତୁ ଦକ୍ଷିଣ-ପୂର୍ବ ଜୋନ୍ ତାଲିକା ପ୍ରଦାନ କରିନଥିବାରୁ ଫଇସଲା ହୋଇପାରୁନାହିଁ, ତେଣୁ ତାଲିକା ପ୍ରଦାନ ପାଇଁ ଦକ୍ଷିଣ-ପୂର୍ବ ଜୋନ୍‌ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୧୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ମହାମାୟା ସ୍ୱାଇଁ
ସଭାପତି
ତା ୧୭.୦୪.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୧.୦୪.୨୦୨୫ ରିଖ

ସମୟ-ଅପରାହ୍ନ ଘ.୦୪.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

**ଉପସ୍ଥିତ ସଭ୍ୟ/ସଭ୍ୟା:-**

୧. ଶ୍ରୀମତୀ ସୁଲୋଚନା ଦାସ, ମେୟର-ତଥା-ଚେୟାରପରସନ୍,
୨. ଶ୍ରୀମତୀ କେ. ଶାନ୍ତି, ସଭ୍ୟା
୩. ଶ୍ରୀମତୀ ପୁଷ୍ପାଞ୍ଜଳୀ ସେଠୀ, ସଭ୍ୟା
୪. ଶ୍ରୀମତୀ ଭାରତୀ ସିଂ, ସଭ୍ୟା
୫. ଶ୍ରୀ ବିରଂଚି ନାରାୟଣ ମହାସୁପକାର,
ଚେୟାରମ୍ୟାନ୍, ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର୍ ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟି

ଅଦ୍ୟ ତା ୨୧.୦୪.୨୦୨୫ ରିଖ ଅପରାହ୍ନ ଘ.୦୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ସୁଲୋଚନା ଦାସ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଭୁବନେଶ୍ୱର ମହାନଗର ନିଗମାଂଚଳର ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣାକୃତ ଦର OPWD Code ଅନୁଯାୟୀ ସର୍ତ୍ତମୂଳକ ଭାବେ ଗ୍ରହଣ/ ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଚାର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ କମ୍ % |
|---|---|---|---|---|---|
| 1. | Constn. of paver road and drain in Ward No.-59<br>1.From Plot No.-1851/3202 to Plot No.-1854 Badu Bagicha, Samantarapur<br>2.At Sriram Nagar Plot No.-1983, Amiyakanta Das House to Ruchika NGO,<br>3.At Ramachandra Nagar<br>4.At Narayani Nagar Nuagaon Lane 1,2,3 & 4<br>File No.-XXIX-Div.-III-93/2024 | Rs.1,77,41,598/- | Rs. 1,66,36,297/- | Sukant Ku. Mohanty | 6.23 |
| 2. | Providing of man power 10 Nos Skilled ITI Electrical personel for maintenance of street light works of BMC for the year 2024-2025<br>File No.-XXVII-315/2019 | Rs.30,49,894/- | Rs.28,45,246/- | M/s. Binori Caretaking Pvt. Ltd. | 6.71 |

ନିର୍ଦ୍ଧାରଣ-୧. ପ୍ରସ୍ତାବ ବର୍ଣ୍ଣିତ ଦୁଇ ଗୋଟି କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ମତେ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ଦର ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୨୭୬୭-1(b) ତା ୨୨.୦୫.୨୦୧୮ ରିଖ-ତଥା- OPWD Code ଅନୁଯାୟୀ ସର୍ବ ସମ୍ମତିକ୍ରମେ ଗ୍ରହଣ/ଅନୁମୋଦନ କରାଗଲା ।

ପ୍ରସ୍ତାବ-୨. ଭୁବନେଶ୍ୱର ମହାନଗର ନିଗମାଂଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣାକୃତ ଦର ଗ୍ରହଣ/ ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଚାର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ ଅଧିକ % |
|---|---|---|---|---|---|
| 1. | Provision of LED rope light around the street light pole at | Rs.26,35,478/- | Rs. 26,35,478/- | Sidhesh Prasad Sahoo | 00 |

| | | | | | |
|---|---|---|---|---|---|
| | different Fly over i.e Bomikhal Flyover, Satya Nagar Flyover, Rajmahal Flyover, Poonama Gate Flyover, Pokhariput Flyover, Mausima Flyover, VSS Nagar Flyover in BMC area File No.-XXVII-283/2023 | | | | |
| 2. | Constn. of road from Moon Mandap to Asif Nawaz House via Khandual Temple Lane-1 and Lane-2 in Ward No.-66 File No.- XXIX-Div.-II-361/2024 | Rs.99,99,337/- | Rs.1,02,98,317/- | Rajesh Ku. Patra | 2.99 |
| 3. | Constn. of paver block road from Ramamani Petrol Pump to Prakash Samantray House at Barabari, Repair of road from Pramay Office to Krishna Garden Annex at Jagamara in W.No.-63 File No.- XXIX-Div.-II-390/2024 | Rs.99,99,814/- | Rs.1,02,98,808/- | Saroj Ku. Nayak | 2.99 |

ନିର୍ଦ୍ଧାରଣ-୨. ପ୍ରସ୍ତାବ ବର୍ଣ୍ଣିତ ତିନି ଗୋଟି କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ମତେ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ଦର ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୨୭୬୭-1(b) ତା ୨୨.୦୫.୨୦୧୮ ରିଖ ଅନୁଯାୟୀ ସର୍ବ ସମ୍ମତିକ୍ରମେ ଗ୍ରହଣ/ଅନୁମୋଦନ କରାଗଲା ।

ପ୍ରକାଶ ଥାଉକି, କେତେକ ଠିକାଦାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଏକାଧିକ କାର୍ଯ୍ୟ ଠିକା ନେଇଥିଲେ ମଧ ଦୀର୍ଘ ଦିନ ହେବ ସମ୍ପୂର୍ଣ୍ଣ କରୁନାହାଁନ୍ତି । ଫଳରେ ଭୁବନେଶ୍ୱର ମହାନଗର ନିଗମ ବଦ୍‌ନାମ ହେଉଅଛି, ତେଣୁ Evaluation ସମୟରେ ଠିକାଦାରଙ୍କ Work performance ଯାଂଚ୍ କରିବା ଏବଂ ଟେଣ୍ଡର ନୋଟିସ୍‌ରେ ବିଡ୍ କାପାସିଟି ସର୍ତ୍ତ ରଖିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୩. ଭୁବନେଶ୍ୱର ମହାନଗର ନିଗମାଂଚଳରେ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ସମ୍ପାଦନ କରିବା ପାଇଁ ଜରୁରୀ ଆବଶ୍ୟକତା ଦୃଷ୍ଟିରୁ ଇଞ୍ଜିନିୟର୍ କଂଟ୍ରାକ୍ଟରଙ୍କ ମାଧମରେ ସମ୍ପାଦନ କରିବା ସମ୍ପର୍କରେ କମିଟିଙ୍କ ବିଚ୍ଚର :-

| କ୍ର.ନଂ | କାର୍ଯ୍ୟର ନାମ | ଇଞ୍ଜିନିୟର୍ କଂଟ୍ରାକ୍ଟରଙ୍କ ନାମ | ଅଟକଳ ମୂଲ୍ୟ | ଚୁକ୍ତିପତ୍ର ମୂଲ୍ୟ |
|---|---|---|---|---|
| 1. | Supply and laying of PVC armored aluminium cable at BMC Hospital File No.-XXVII-37/2025 | M/s.Indo Electricals | Rs. 4,84,496/- | Rs. 4,84,496/- |
| 2. | Supply and laying of power cable from substation to 15 TPD MRF for providing power Supply to the plasma processing unit at TTS near Sainik School File No.-XXVII-76/2025 | M/s. Supdex Services Pvt. Ltd. | Rs. 4,99,435/- | Rs. 4,99,435/- |
| 3. | Provision of 120 Watt LED street light in the existing pole from Airport to Airport staff Colony Road File No.-XXVII-14/2025 | M/s.Sai Electrical Works | Rs.4,42,122/- | Rs.4,42,122/- |

ନିର୍ଦ୍ଧାରଣ-୩. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୪. ଭୁବନେଶ୍ୱର ମହାନଗର ନିଗମାଂଚଳରେ ରାସ୍ତାଲୋକ ପ୍ରକଳ୍ପର Execution, Monitoring, Quality control, Energy Audity କାର୍ଯ୍ୟ ପାଇଁ Independent Energy Auditior ନିଯୁକ୍ତି ନିମନ୍ତେ କାର୍ଯ୍ୟାଳୟ ନୋଟିସ୍ ସଂଖ୍ୟା-୪୮୯୨୩ ତା ୨୮.୧୧.୨୦୨୪ ରିଖରେ RFP ଆହ୍ୱାନ କରାଯାଇଥିଲା । ଏଥିପାଇଁ ତିନି ଗୋଟି ସଂସ୍ଥା ଭାଗ ନେଇଥିଲେ । ଟେଣ୍ଡର ଗୁଡ଼ିକୁ ଯାଂଚ୍ କରାଯାଇ ସେମାନଙ୍କ ମଧରୁ Auditech Industrial Services Pvt. Ltd. ଟ ୩୪,୦୦,୦୦୦/- ନିବିଦା ଦାଖଲ କରିଥିଲେ । ତାଙ୍କ ସହିତ ବୁଝାମଣା କରାଯାଇ ଟ୨୦,୦୦୦/- କମ୍

କରିଛନ୍ତି । ନଥି ନଂ- XXVII-129/2013 ଟିପ୍ପଣୀ ୨୩ ରୁ ପୃଷ୍ଠା-୫୮ ରୁ ୫୯ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ସର୍ବନିମ୍ନ ଦରଦାତା Auditech Industrial Services Pvt. Ltd. ଙ୍କ ବୁଝାମଣାକୃତ ଦର ଟ୩୩,୮୦,୦୦୦/- ମାତ୍ର ଗ୍ରହଣ/ ଅନୁମୋଦନ ସମ୍ପର୍କରେ କମିଟିଙ୍କ ବିଚାର :-

ନିର୍ଦ୍ଧାରଣ-୪. ଏ ପ୍ରସ୍ତାବ ଉପରେ କର୍ପୋରେସନରେ ଆଲୋଚନା କରାଯାଇ ନିଷ୍ପତ୍ତି ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ହେଲା ।

ପ୍ରସ୍ତାବ-୫. ସମସ୍ତ ୱାର୍ଡ଼ ଅଫିସ୍ ଓ ଜୋନ୍ ଅଫିସ୍‌ର ଆବଶ୍ୟକତା ଅନୁଯାୟୀ ୯ ଟି i5 ଲାପ୍‌ଟପ୍, ୨ ଟି i7 ଲାପ୍‌ଟପ୍, ୩୭ ଟି ଅଲ୍-ଇନ୍-ୱାନ୍ କମ୍ପ୍ୟୁଟର ସେଟ୍, ୩୩ ଟି ବ୍ଲାକ୍ ଆଣ୍ଡ୍ ହ୍ୱାଇଟ୍ A4 ସାଇଜ୍ ପ୍ରିଂଟର୍ ଓ ୩୭ ଟି ୟୁ.ପି.ଏସ୍ କିଣିବା ନିମନ୍ତେ ପୂର୍ବରୁ କର୍ପୋରେସନ ପାରିଷଦ ବୈଠକ ତା ୧୫.୦୧.୨୦୨୫ ରିଖରେ ଅନୁମୋଦନ ଦିଆଯାଇଥିଲା । ଏହି ଅନୁସାରେ GeM ପୋର୍ଟାଲ୍‌ରେ ତା ୦୩.୦୨.୨୦୨୫ ରିଖରେ ଟେଣ୍ଡର ଆହ୍ୱାନର ଅବଧି ଧାର୍ଯ୍ୟ କରାଯାଇଥିଲା । ଟେଣ୍ଡର ପ୍ରକ୍ରିୟା ଅନୁଯାୟୀ ୪ ଜଣ ବିଡ଼ର୍‌ଙ୍କ ମଧ୍ୟରୁ M/s Kimat Enterprises L-1 ବିଡ଼ର୍ ଭାବରେ ମୋଟ ମୂଲ୍ୟ Rs.59,32,587/- (including GST) ରେ କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ତା ୨୧.୦୨.୨୦୨୫ ରିଖରେ ଅନୁମୋଦିତ ହୋଇଥିଲା । କମିଟି ସଦସ୍ୟଙ୍କ ଉପଦେଶ ପ୍ରକାରେ ଏହି L-1 ବିଡ଼ର୍ ସହିତ ଏକ ନେଗୋସିଏସନ୍ କରାଯାଇଥିଲା । ଏହି ନେଗୋସିଏସନ୍ ପରେ ଉପରୋକ୍ତ ୯ ଟି i5 ଲାପ୍‌ଟପ୍, ୨ ଟି i7 ଲାପ୍‌ଟପ୍, ୩୭ ଟି ଅଲ୍-ଇନ୍-ୱାନ୍ କମ୍ପ୍ୟୁଟର ସେଟ୍, ୩୩ ଟି ବ୍ଲାକ୍ ଆଣ୍ଡ୍ ହ୍ୱାଇଟ୍ A4 ସାଇଜ୍ ପ୍ରିଂଟର୍ ଓ ୩୭ ଟି ୟୁ.ପି.ଏସ୍ ପାଇଁ ମୋଟ ନେଗୋସିଏସନ୍ ମୂଲ୍ୟ Rs.51,26,442/- (including GST) ଧାର୍ଯ୍ୟ କରାଯାଇଅଛି । ଏହାକୁ ଅନୁମୋଦନ ସମ୍ପର୍କରେ କମିଟିଙ୍କ ବିଚାର :- ନଥି ନଂ-XXXIV-GS-09/2024

ନିର୍ଦ୍ଧାରଣ-୫. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୬. ଭୁବନେଶ୍ୱର ମହାନଗର ନିଗମାଂଚଳରେ ୨୦ ଗୋଟି ସିଟି ସାଇନେଜ୍ ଲଗାଇବା ପାଇଁ କାର୍ଯ୍ୟାଳୟ ପତ୍ରସଂଖ୍ୟା-୬୯୪୨ ତା ୩୦.୧୨.୨୦୨୩ ରିଖରେ ସର୍ଟ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଏଥିରେ ୩ ଜଣ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରୁ M/s. Elegant Visual Weavers Pvt. Ltd. ଙ୍କ ସର୍ବନିମ୍ନ ଦର ଟ ୩୧,୧୫,୨୦୦/- ଙ୍କା ର କାର୍ଯ୍ୟୋତର ଅନୁମୋଦନ ସମ୍ପର୍କରେ କମିଟିଙ୍କ ବିଚାର :- ନଥି ନଂ-XI-PW-Div.-III-104/2023 ଟିପ୍ପଣୀ ପୃଷ୍ଠା-୧୦ ରୁ ୧୪ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୬. ସର୍ବ ସମ୍ମତିକ୍ରମେ ଏ ପ୍ରସ୍ତାବର କାର୍ଯ୍ୟୋତର ଅନୁମୋଦନ କରାଗଲା ।

ପ୍ରସ୍ତାବ-୭. ଭୁବନେଶ୍ୱର ମହାନଗର ନିଗମାଂଚଳରେ ବୁଲା କୁକୁର ସଂଖ୍ୟା ବଢ଼ିବା ପରିପ୍ରେକ୍ଷିରେ । ଭୁବନେଶ୍ୱର ମହାନଗର ନିଗମ ଏ ସମସ୍ୟାର ନିରାକରଣ ପାଇଁ ବନ୍ଧ୍ୟାକରଣ କରିବା ସହିତ ଟିକାକରଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଅଛି । ଏହି କାର୍ଯ୍ୟ ପାଇଁ ASRA (Animal Welfare Organization) ନାମକ ସଂସ୍ଥାକୁ ଟେଣ୍ଡର ପ୍ରକ୍ରିୟାରେ ଚୟନ କରାଯାଇଥିଲା କିନ୍ତୁ ଏହି ସଂସ୍ଥାଟିର ପଶୁ କଲ୍ୟାଣ ବୋର୍ଡ଼ର ରେନ୍‌ୱାଲ ସାର୍ଟିଫିକେଟ୍ ନଥିବାରୁ ଏହି ସଂସ୍ଥାଟିକୁ ରଦ୍ଦ କରାଗଲା ଏବଂ ପୁନଶ୍ଚ ଦ୍ୱିତୀୟ ସ୍ଥାନରେ ଥିବା Vets Society for animal Welfare and Rural Development ସଂସ୍ଥାଟିକୁ ଚୟନ କରାଗଲା ଏବଂ ଯାହା ଗୋଟେ କୁକୁର ପିଛା ଟ ୧୬୫୦/- ବନ୍ଧ୍ୟାକରଣ ସହ ଟୀକାକରଣ କରାଇବେ କାର୍ଯ୍ୟାଦେଶ ଦିଆଯିବ । ଏହାର ଅନୁମୋଦନ ନିମନ୍ତେ କମିଟିଙ୍କ ବିଚାର :- ନଥି ନଂ-XXVI-5/2022 ଟିପ୍ପଣୀ ପୃଷ୍ଠା-୮୪ ରୁ ୮୮ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୮. ଭୁବନେଶ୍ୱର ମହାନଗର ନିଗମ ର ୨୦ ଗୋଟି ୱାର୍ଡର ସଫେଇ କାର୍ଯ୍ୟ କରିବା ପାଇଁ ୪ ଗୋଟି ପ୍ୟାକେଜ ରେ ୨ ଗୋଟି ସଫେଇ ସଂସ୍ଥା ଯଥା : M/s Jagruti Welfare Organization ୩ ଗୋଟି ପ୍ୟାକେଜ ଯଥା : ପ୍ୟାକେଜ (୧,୨,୩) ଏବଂ M/s PMR Consortium ୧ ଗୋଟି ପ୍ୟାକେଜ ଯଥା :(ପ୍ୟାକେଜ -୪) ରେ ନିୟୋଜିତ ଅଛନ୍ତି । ଏହି ୨୦ ଗୋଟି ୱାର୍ଡରେ ଏହି ୨ ଗୋଟି ସଂସ୍ଥା Tonnage ମାଧ୍ୟମରେ ସଫେଇ କାର୍ଯ୍ୟ କରୁଛନ୍ତି । ବର୍ତ୍ତମାନ ଏହି ଉପରିଲିଖିତ ୱାର୍ଡ ଗୁଡିକର ଚୁକ୍ତିନାମା ଯାହାକି ୩୧.୦୩.୨୦୨୫ ରେ ସମାପ୍ତ ହୋଇଯାଇଥିବାରୁ ଉଚ୍ଚ କର୍ତୃପକ୍ଷଙ୍କ ଆଦେଶ ମତେ ଏହି ପ୍ୟାକେଜ ଗୁଡିକର ଚୁକ୍ତିନାମା ଆହୁରି ୩ ମାସ ଯଥା .୦୧.୦୪.୨୦୨୫ ଠାରୁ ୩୦.୦୬.୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଅଛି । ପରବର୍ତ୍ତୀ କାଳେ M/s Manju Services ଦ୍ୱାରା ସୁପ୍ରିମକୋର୍ଟରେ ସ୍ୱତନ୍ତ୍ର ଲିଭ ପିଟିସନ ଯୋଗୁଁ ପରିମଳ ଟେଂଡର ର ପ୍ୟାକେଜ ନଂ- ୫ ଓ ୮ ଅନ୍ତର୍ଗତ ୱାର୍ଡ ଏବଂ ପ୍ୟାକେଜ ୩ ଅନ୍ତର୍ଗତ ୱାର୍ଡ ଗୁଡିକ ମାନ୍ୟବର ହାଇକୋର୍ଟ ରେ ବିଚାର ଧୀନ ଅଛି । ଏହାକୁ ଭିତିକରି ଘରୋଇ ସଂସ୍ଥା ଗୁଡିକୁ ନିୟୋଜିତ କରି ସମ୍ପୃକ୍ତ ୱାର୍ଡ ରେ ପରିମଳ କାର୍ଯ୍ୟ ଜାରି ରଖିବା ଅତ୍ୟନ୍ତ ଜରୁରୀ । ଏହାର ଅନୁମୋଦନ ସମ୍ପର୍କରେ କମିଟିଙ୍କ ବିଚାର । ନଥି ନଂ-XXXXX-II-SWMPMU-୩୮-୨୦୨୦-୨୧ ଟିପ୍ପଣୀ ପୃଷ୍ଠା ସଂଖ୍ୟା-୧୯୧/N to ୧୯୫/N ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୮. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୯. ଭୁବନେଶ୍ୱର ମହାନଗର ନିଗମାଂଚଳରୁ ବାହାରୁଥିବା ଅଳିଆ ଆବର୍ଜନା ଟି.ଟି.ଏସ୍ ରେ ଜମା ହେଉଅଛି । ସେଥିରୁ ବାହାରୁଥିବା ତରଳ ବର୍ଜ୍ୟବସ୍ତୁକୁ ଫିଲ୍ଟର୍ ପାଇଁ Design, Construction, Supply, Installation and commissioning of 30 KLD Effulent Treatment Plant (ETP) ସ୍ଥାପନ ପାଇଁ ନୋଟିସ୍ ନଂ-୧୮୨୭/୨୪-୨୫ ତା ୧୦.୦୧.୨୦୨୫ ରିଖରେ RFP ଆହ୍ୱାନ କରାଯାଇଥିଲା । ଏହି ଟେଣ୍ଡରରେ ଚ଼ାରି ଗୋଟି ସଂସ୍ଥା ଭାଗ ନେଇଥିଲେ । ସେଗୁଡ଼ିକୁ ମାର୍କ କରାଯାଇ ସେଥି ମଧ୍ୟରୁ ଗୋଟିଏ ସଂସ୍ଥାଙ୍କର RFP ସର୍ତ୍ତ ପୂରଣ ନହେବାରୁ ଯୋଗ୍ୟତା ପାଇଲେ ନାହିଁ, ତିନି ଗୋଟି ସଂସ୍ଥା ମଧ୍ୟରୁ L-1 ବିଡ଼ର୍ M/s. Visiontek Consultancy Services Pvt. Ltd. ଟ ୫୫,୦୦,୦୦୦/- ଦାଖଲ କରିଥିଲେ । ତାଙ୍କ ସହିତ ବୁଝାମଣା କରାଯାଇ ସେ ଟ ୫୪,୯୪,୫୦୦/- (ଚଉବନ ଲକ୍ଷ ଚଉରାନବେ ହଜାର ପାଂଚ ଶହ ଟଙ୍କା ଓ ଜି.ଏସ୍ ଟି ସହିତ) ରେ ଉକ୍ତ କାର୍ଯ୍ୟ କରିବା ପାଇଁ ରାଜି ହୋଇଛନ୍ତି । ଏହାର ଅନୁମୋଦନ ସମ୍ପର୍କରେ କମିଟିଙ୍କ ବିଚ଼ାର:- ନଥି ନଂ-XXXXX-II-SBAC-170/2024 (Part-II)

ନିର୍ଦ୍ଧାରଣ-୯. ଏ ପ୍ରସ୍ତାବ କର୍ପୋରେସନରେ ଆଲୋଚନା କରାଯାଇ ନିଷ୍ପତି ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୪.୩୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ସୁଲୋଚନା ଦାସ
ସଭାପତି
ତା ୨୧.୦୪.୨୦୨୫ ରିଖ